# Virtual Summit between Prime Minister NarendraModi and Prime Minister Scott Morrison of Australia on 4th June 2020

June 03, 2020

## ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଅଷ୍ଟ୍ରେଲିଆର ପ୍ରଧାନମନ୍ତ୍ରୀ ସ୍କଟ ମୋରିସନଙ୍କ ମଧ୍ୟରେ 4 ଜୁନ୍ 2020 ରେ ଭର୍ଚୁଆଲ୍ ସମ୍ମିଳନୀ

ଜୁନ 03, 2020

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ 4 ଜୁନ୍ 2020 ରେ ଅଷ୍ଟ୍ରେଲିଆର ପ୍ରଧାନମନ୍ତ୍ରୀ ଶ୍ରୀ ସ୍କଟ ମୋରିସନଙ୍କ ସହ ଭାରତ-ଅଷ୍ଟ୍ରେଲିଆ ଭର୍ଚୁଆଲ୍ ସମ୍ମିଳନୀ କରିବେ। ଅଷ୍ଟ୍ରେଲିଆର ପ୍ରଧାନମନ୍ତ୍ରୀ ସ୍କଟ ମୋରିସନଙ୍କ ଭାରତ ଗସ୍ତ ପାଇଁ ଚଳିତ ବର୍ଷ ତାରିଖ ଚୂଡାନ୍ତ ହୋଇଥିଲା, କିନ୍ତୁ ଏହି ଗସ୍ତ ହୋଇପାରିନଥିଲା। ଏଥି ନିମନ୍ତେ ଏକ ଭରଚୁଆଲ ସମ୍ମିଳନୀ ଆୟୋଜନ କରିବା ପାଇଁ ଦୁଇ ଦେଶ ସମ୍ମତି ଦେଇଥିଲେ। ପ୍ରଥମ ଥର ପାଇଁ ପ୍ରଧାନମନ୍ତ୍ରୀ ମୋଦୀ ଏକ ଭରଚୁଆଲ ସମ୍ମିଳନୀର ଆୟୋଜନ କରିବେ। ଏହା ଅଷ୍ଟ୍ରେଲିଆ ସହିତ ଭାରତର ସୁଦୃଢ ହେଉଥିବା ସମ୍ପର୍କ ଏବଂ ଏହାର ଉର୍ଦ୍ଧ୍ୱମୁଖୀ ଗତିକୁ ଦର୍ଶାଏ।

2. ପୂର୍ବରୁ ଦୁଇ ପ୍ରଧାନମନ୍ତ୍ରୀ 6 ଅପ୍ରେଲ 2020 ରେ କୋଭିଡ-19 ମହାମାରୀ ପରିସ୍ଥିତି ବିଷୟରେ ଟେଲିଫୋନ ଜରିଆରେ ଚର୍ଚ୍ଚା କରିଥିଲେ। ନିଜ ଦେଶରେ ଫସିଥିବା ବିଦେଶୀ ନାଗରିକଙ୍କ ସୁବିଧା ଓ ସାହାଯ୍ୟ ପାଇଁ ଉଭୟ ଆଲୋଚନା କରିଥିଲେ। ଦୁଇ ଦେଶ ମଧ୍ୟରେ ସମ୍ପର୍କ ପାଇଁ ପ୍ରବାସୀ ଭାରତୀୟଙ୍କର ଯଥେଷ୍ଟ ଅବଦାନ ଅଛି। ଏହି ଟେଲିଫୋନ ଚର୍ଚ୍ଚାରେ ପ୍ରଧାନମନ୍ତ୍ରୀ ସ୍କଟ ମୋରିସନ ଭାରତୀୟ ଗୋଷ୍ଠୀ ବିଷୟରେ କହିଥିଲେ, ବିଶେଷକରି ଭାରତୀୟ ଛାତ୍ର ଯେଉଁମାନେ ଅଷ୍ଟ୍ରେଲିଆ ସମାଜର ଏକ ସ୍ପନ୍ଦିତ ଅଂଶ।

3. ଭାରତ ଓ ଅଷ୍ଟ୍ରେଲିଆର ବହୁତ ଉଷ୍ମ ଏବଂ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ରହିଛି, ଯାହା କ୍ରମେ ବିସ୍ତାର ଏବଂ ବୃଦ୍ଧି ପାଉଛି।

4. ସେପ୍ଟେମ୍ବର 2014 ରେ ଅଷ୍ଟ୍ରେଲିଆର ପ୍ରଧାନମନ୍ତ୍ରୀ ଟୋନି ଆବଟଙ୍କ ଭାରତ ଗସ୍ତ ଏବଂ ନଭେମ୍ବର 2014 ରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଅଷ୍ଟ୍ରେଲିଆ ଗସ୍ତ ସହିତ ଦୁଇ ଦେଶ ମଧ୍ୟରେ ରଣନୀତିକ ଭାଗିଦାରୀ 2014 ରେ ମଜବୁତ ହୋଇଥିଲା। ନଭେମ୍ବର 2014 ରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଅଷ୍ଟ୍ରେଲିଆ ଗସ୍ତ ସମୟରେ ଅଷ୍ଟ୍ରେଲିଆ ଓ ଭାରତ ମଧ୍ୟରେ ସୁରକ୍ଷା ସହଯୋଗ ପାଇଁ ଚୁକ୍ତି ସାକ୍ଷର ହୋଇଥିଲା ଯାହା ଫଳରେ ଦୁଇ ଦେଶ ମଧ୍ୟରେ ବୈଦେଶିକ, ପ୍ରତିରକ୍ଷା ଏବଂ ସୁରକ୍ଷା ନୀତି ବିନିମୟର ମୂଳଦୁଆ ପଡିଲା।  ସେବେଠାରୁ ନିୟମିତ ଭାବେ ଦୁଇ ଦେଶ ମଧ୍ୟରେ ଅନୁଷ୍ଠାନିକ ଭାବ ବିନିମୟ ଚାଲିଛି।

5. ଦୁଇ ଦେଶ ମଧ୍ୟରେ ଉଚ୍ଚ ସ୍ତରୀୟ ଭାବ ବିନିମୟ ମଧ୍ୟ ଜାରି ରହିଛି। ପ୍ରଧାନମନ୍ତ୍ରୀ ମାଲକମ୍ ଟର୍ନବୁଲ୍ ଅପ୍ରେଲ 2017 ରେ ଭାରତ ଗସ୍ତରେ ଆସିଥିଲେ; ମାର୍ଚ୍ଚ 2018 ରେ ଅଷ୍ଟ୍ରେଲିଆର ଗଭର୍ଣ୍ଣର ଜେନେରାଲ ଭାରତ ଗସ୍ତରେ ଆସି ଆନ୍ତର୍ଜାତୀୟ ସୌର ଗୋଷ୍ଠୀ ସମୂହର ପ୍ରତିଷ୍ଠା ସମ୍ମିଳନୀରେ ଯୋଗ ଦେଇଥିଲେ ଏବଂ ଭାରତର ରାଷ୍ଟ୍ରପତି ନଭେମ୍ବର 2018 ରେ ଅଷ୍ଟ୍ରେଲିଆ ଗସ୍ତରେ ଯାଇଥିଲେ। ପ୍ରଧାନମନ୍ତ୍ରୀ ମୋଦୀ ଓ ପ୍ରଧାନମନ୍ତ୍ରୀ ମୋରିସନ ଗତ ଦେଢ଼ ବର୍ଷ ମଧ୍ୟରେ ଚାରିଥର ଭେଟିଛନ୍ତି – ପୂର୍ବ ଏସିଆ ଶିଖର ସମ୍ମିଳନୀ (ସିଙ୍ଗାପୁର, 14

ନଭେମ୍ବର 2018), ଜି20 ସମ୍ମିଳନୀ (ଓସାକା, 29 ଜୁନ 2019), ଜି7 ସମ୍ମିଳନୀ (ବିଆରିଜ, 25 ଅଗଷ୍ଟ 2019), ପୂର୍ବ ଏସିଆ ଶିଖର ସମ୍ମିଳନୀ (ବ୍ୟାଙ୍କକ, 04 ନଭେମ୍ବର 2019)।

6. ଦ୍ୱିପାକ୍ଷିକ ଆର୍ଥିକ କାର୍ଯ୍ୟକଳାପ ବୃଦ୍ଧି ପାଇଛି। ଦୁଇ ଦେଶ ମଧ୍ୟରେ ବାଣିଜ୍ୟ 2018-19 ରେ ପ୍ରାୟ 21 ବିଲିୟନ ଆମେରିକୀୟ ଡଲାର ଥିଲା। ଅଷ୍ଟ୍ରେଲିଆ ଭାରତରେ 10.74 ବିଲିୟନ ଆମେରିକୀୟ ଡଲାର କ୍ରମବର୍ଦ୍ଧିଷ୍ଣୁ ନିବେଶ କରିଥିବାବେଳେ ଭାରତ ଅଷ୍ଟ୍ରେଲିଆରେ ସମୁଦାୟ 10.45 ବିଲିୟନ ଆମେରିକୀୟ ଡଲାର ନିବେଶ କରିଛି। ଅଷ୍ଟ୍ରେଲିଆନ ସୁପର ପେନସନ ଫଣ୍ଡ 1 ବିଲିୟନ ଆମେରିକୀୟ ଡଲାର ଭାରତର ଜାତୀୟ ଭିତ୍ତିଭୂମି ନିବେଶ ପାଣ୍ଠିରେ ନିବେଶ କରିଛି। ଦୁଇ ଦେଶ ପରସ୍ପର ମଧ୍ୟରେ ନିବେଶ ଓ ବାଣିଜ୍ୟ ବୃଦ୍ଧି କରିବା ପାଇଁ ଚେଷ୍ଟିତ।

7. ଦୁଇଟି ଗଣତାନ୍ତ୍ରିକ ଦେଶ ଭାବରେ ଭାରତ ଓ ଅଷ୍ଟ୍ରେଲିଆ ବିଭିନ୍ନ ଆଞ୍ଚଳିକ ଓ ଆନ୍ତର୍ଜାତୀୟ ପ୍ରସଙ୍ଗ ଉପରେ ପରସ୍ପର ଦୃଷ୍ଟିକୋଣକୁ ବୁଝିବାରେ ସକ୍ଷମ। ଏକ ମୁକ୍ତ, ଖୋଲା, ସମାବେଶୀ ଏବଂ ସମୃଦ୍ଧ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ପାଇଁ ଉଭୟ ଦେଶ ସହଭାଗୀ ଉପାୟରେ କାର୍ଯ୍ୟରତ।

8. ଭାରତର ଆନ୍ତର୍ଜାତୀୟ କାର୍ଯ୍ୟକ୍ରମ ଯଥା ଆଇଏସଏ, ସିଡ଼ିଆରଆଇ, ଏବଂ ଇଣ୍ଡୋ-ପାସିଫିକ ଓସେନ୍ସ' ଇନିସିଏଟିଭ (ଆଇପିଓଆଇ)କୁ ଅଷ୍ଟ୍ରେଲିଆ ସମର୍ଥନ କରୁଛି। ଏକ ବିସ୍ତୃତ ମିଳିତ ଜାତିସଂଘ ସୁରକ୍ଷା ପରିଷଦରେ ଭାରତର ସଦସ୍ୟତାକୁ ଅଷ୍ଟ୍ରେଲିଆ ସମର୍ଥନ କରୁଛି। ନିକଟ ଅତୀତରେ ଅଷ୍ଟ୍ରେଲିଆ ଗ୍ରୁପରେ ଓ ୱାସେନାର ଆରେଞ୍ଜମେଣ୍ଟରେ ଭାରତର ସଦସ୍ୟତାକୁ ଅଷ୍ଟ୍ରେଲିଆ ସମର୍ଥନ କରିଥିଲା।

9. ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ବୃଦ୍ଧି ପାଉଥିବା ସମ୍ପର୍କ ପରିପ୍ରେକ୍ଷୀରେ, ଏହି ଭର୍ଚୁଆଲ୍ ସମ୍ମିଳନୀ ଦୁଇ ନେତାଙ୍କୁ ବ୍ୟାପକ ସମ୍ପର୍କ ଢାଞ୍ଚାର ମୂଲ୍ୟାୟନ କରିବା ପାଇଁ ଏବଂ କୋଭିଡ-19 ମହାମାରୀ ଉପରେ ସେମାନଙ୍କର ପ୍ରତିକ୍ରିୟା ବିଷୟରେ ଆଲୋଚନା କରିବା ପାଇଁ ଏକ ସୁଯୋଗ ଦେବ।

**ନୂଆଦିଲ୍ଲୀ**
**ଜୁନ** 03, 2020

DISCLAIMER: This is an approximate translation. The original is available in English on MEA's website and may be referred to as the official press release.